Total No. of Questions : 4] [Total No. of Printed Pages : 4

Course Code
**MAOD – 12**

# Term End Examination – December, 2019

## ଓଡିଆ ଭାଷା ଅଧ୍ୟୟନ

Master of Arts in Odia (MAOD)

*Time* : 3 hours *Full Marks* : 100

*The figures in the right-hand margin indicate marks*

Answer **all** Groups as directed

### ବିଭାଗ—କ

୧। **ଯେକୌଣସି ୫ଟି** ପ୍ରଶ୍ନର ଉତ୍ତର ଲେଖ (ପ୍ରତିଟି ୫୦ ଶବ୍ଦ ମଧ୍ୟରେ) : ୨×୫=୧୦

(କ) ଭାରତୀୟ ଆର୍ଯ୍ୟଭାଷାର ଉତ୍ପତ୍ତି ସମ୍ପର୍କରେ ଆଲୋଚନା କର ।

(ଖ) ଓଡିଆ ବାଷାର ବିବର୍ତ୍ତନ କେଉଁସବୁ ସ୍ତର ଦେଇ ହୋଇ ଅଛି?

(ଗ) ବିପରୀତାର୍ଥବୋଧକ ଶବ୍ଦ କ'ଣ ଏବଂ ଓଡିଆ ଭାଷାରେ ତା'ର ପ୍ରୟୋଗ କିପରି କରାଯାଇ ଅଛି?

(ଘ) ଓଡିଆ ଭାଷାରେ ପ୍ରବେଶ କରିଥିବା ବହିରାଗତ ଶବ୍ଦଗୁଡ଼ିକୁ କେତେ ଭାବରେ ବିଭକ୍ତ କରାଯାଇଛି?

(ଙ) ଉପସର୍ଗ କ'ଣ ଓ ଏହା କେତେ ପ୍ରକାରର?

(ଚ) ପ୍ରତ୍ୟୟ କ'ଣ ଏବଂ ଶବ୍ଦ ଯୋଗରେ କିପରି ଅର୍ଥ ପରିବର୍ତ୍ତନ କରେ ସୋଦାହରଣ ଦର୍ଶାଅ ।

(ଛ) ବିଶେଷ୍ୟ ଓ ବିଶେଷଣ ଭିତରେ ପାର୍ଥକ୍ୟ କ'ଣ?

(ଜ) ଅପାଦାନ କାରକ କ'ଣ? ଏହାର ଉଦାହରଣ ଦିଅ ।

ବିଭାଗ—ଖ

୨। **ଯେକୌଣସି ୪ଟି** ପ୍ରଶ୍ନର ଉତ୍ତର ଲେଖ (୧୦୦ ଶବ୍ଦ ମଧ୍ୟରେ) : ୫×୪=୨୦

(କ) ଉପଭାଷା କାହାକୁ କହନ୍ତି ଓ ଏହାର ଲକ୍ଷଣସବୁ କ'ଣ?

(ଖ) ନୂତନ ଶବ୍ଦ ଗଠନ କ୍ଷେତ୍ରରେ କେଉଁ ସୂତ୍ରକୁ ଆଧାର ଭାବରେ ଗ୍ରହଣ କରାଯାଏ?

(ଗ) ରୁଢ଼ିର ପ୍ରକାରଭେଦ ଦର୍ଶାଇ ଉପମାବାଚକ ରୁଢ଼ିର ପ୍ରୟୋଗ ସମ୍ପର୍କରେ ଆଲୋଚନା କର ।

(ଘ) ସନ୍ଧି କାହାକୁ କହନ୍ତି ଏବଂ ବିସର୍ଗ ସନ୍ଧିର ପ୍ରୟୋଗ ସମ୍ପର୍କରେ ଉଦାହରଣ ଦିଅ ।

(ଙ) ବିଭକ୍ତି କେତେ ପ୍ରକାରର ଓ ଏହାର ଚିହ୍ନଗୁଡ଼ିକ କ'ଣ କ'ଣ?

(ଚ) କର୍ମଧାରୟ ସମାସ କାହାକୁ କହନ୍ତି ଉଦାହରଣ ଦେଇ ଲେଖ ।

ବିଭାଗ—ଗ

୩। **ଯେକୌଣସି ୪ଟି** ପ୍ରଶ୍ନର ଉତ୍ତର ଦିଅ (୨୦୦ ଶବ୍ଦ ମଧ୍ୟରେ) : ୧୦×୪=୪୦

(କ) ଭାରତୀୟ ଭାଷାସମୂହ ସହିତ ଆଦିବାସୀ ଭାଷାଗୁଡ଼ିକର ସମ୍ପର୍କ କ'ଣ ଏବଂ ଓଡ଼ିଆ ଭାଷା ସହିତ ମୁଖ୍ୟତଃ କେଉଁ କେଉଁ ଆଦିବାସୀ ଭାଷାର ନିବିଡ଼ ସମ୍ପର୍କ ରହିଛି ଆଲୋଚନା କର ।

(ଖ) ପୃଥିବୀର ଭାଷା ପରିବାର କେତେ ପ୍ରକାର ଓ ଏହାର ଉତ୍ପତ୍ତିଗତ ବିଭାଗୀକରଣ କର ।

(ଗ) ସମୋଚ୍ଚାରିତ ଶବ୍ଦର ଲକ୍ଷଣ ଦର୍ଶାଇ ପାଞ୍ଚୋଟି ସମୋଚ୍ଚାରିତ ଶବ୍ଦର ଉଲ୍ଲେଖ କର ।

(ଘ) ଓଡ଼ିଆ ଶବ୍ଦ ବିଭବରେ ତଦ୍‌ଭବ ଶବ୍ଦର ସ୍ଥିତି, ଉତ୍ପତ୍ତି ଓ ବ୍ୟବହାର ସମ୍ପର୍କରେ ଉଲ୍ଲେଖ କର ।

(ଙ) ବଚନ କେତେ ପ୍ରକାରର ଓ ଏହା କେଉଁ କ୍ଷେତ୍ରରେ କିପରି ପ୍ରୟୋଗ କରାଯାଇଥାଏ ଲେଖ ।

(ଚ) ପଶ୍ଚିମାଞ୍ଚଳୀୟ ଓଡିଆ ଉପଭାଷା କାହାକୁ କହନ୍ତି ଏବଂ ଓଡିଆ ଭାଷାଠାରୁ ଏହାର ଭିନ୍ନତା କ'ଣ ବର୍ଣ୍ଣନା କର ।

ବିଭାଗ—ଘ

୪। **ଯେକୌଣସି ୨ଟି** ପ୍ରଶ୍ନର ଉତ୍ତର ଦିଅ (୩୦୦ ଶବ୍ଦ ମଧ୍ୟରେ) : ୧୫×୨=୩୦

(କ) ଓଡିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶ ସମ୍ପର୍କରେ ଆଲୋଚନା କର ।

(ଖ) ଓଡିଆ ଭାଷା ଉପରେ ଇଂରାଜୀ ଭାଷାର ପ୍ରଭାବର କାରଣ ଓ ଏହାର ବ୍ୟବହାର ସମ୍ପର୍କରେ ଆଲୋଚନା କର ।

(ଗ) ଓଡିଆ କ୍ରିୟାପଦର ପ୍ରକାରଭେଦ ସମ୍ପର୍କରେ ଉଲ୍ଲେଖ କରି, ସମାପିକା କ୍ରିୟାର କାଳଗତ ରୂପରେଖ ସମ୍ପର୍କରେ ଆଲୋଚନା କର ।

★★★